# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th December – 2025

*********************************

## ମୁଖ୍ୟ ସମ୍ବାଦ

- ଆରାବଳୀ ପର୍ବତମାଳା ଅଞ୍ଚଳରେ ସମସ୍ତ ପ୍ରକାର ଖଣି କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବା ସୂଚନା ଦେଲେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ।

- ମନରେଗା ଯୋଜନାରେ ରହିଥିବା ତ୍ରୁଟି ଏବଂ ଅନିୟମିତତାକୁ ଦୂର କରିବା ଲକ୍ଷ୍ୟ ନେଇ ବି.ଭି.-ଜି. ରାମ୍ ଜି. ଆଇନ ପ୍ରଣୟନ ହୋଇଛି; ସ୍ପଷ୍ଟ କଲେ ସରକାର ।

- ରାଜ୍ୟର ସମସ୍ତ କୋର୍ଟରେ ଓଡ଼ିଆ ଭାଷା କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ପ୍ରଦାନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଚିଲିକାରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଥିବା ନେଇ ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ।

*Desk*

# ଭୂପେନ୍ଦର - ଏସ୍.ସି. ଆରାବଳୀ

ଆରାବଳୀ ପର୍ବତମାଳା ଅଞ୍ଚଳରେ ସମସ୍ତ ପ୍ରକାର ଖଣି ଉତ୍ତୋଳନ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି, ସମସ୍ତ ନୂତନ ତଥା ପୁନଃ ଅନୁମୋଦିତ ଖଣିକାର୍ଯ୍ୟ ଏଥିରେ ଅନ୍ତର୍ଭୁକ୍ତ । ସୁପ୍ରମ୍‌କୋର୍ଟ ଆଜି ପ୍ରଦାନ କରିଥିବା ରହିତାଦେଶକୁ ସ୍ୱାଗତ କରି ମନ୍ତ୍ରୀ ଶ୍ରୀ ଯାଦବ ଏହା କହିଛନ୍ତି ।

ଆରାବଳି ପର୍ବତମାଳା ନେଇ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଗତମାସ ୨୦ ତାରିଖରେ ଦେଇଥିବା ନିଜର ନିର୍ଦ୍ଦେଶ ଉପରେ ଆଜି ରହିତାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଓ ଜଷ୍ଟିସ୍ ଏ.ଜି. ମସିହଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏକ ନୂଆ ବିଶେଷଜ୍ଞ କମିଟି ଗଠନ କରି ଆରାବଳି ପର୍ବତର ପୁନର୍ବାର ସଂଜ୍ଞା ନିରୂପଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ପୂର୍ବରୁ ଆରାବଳି ପର୍ବତମାଳା ସଂପର୍କରେ କୋର୍ଟ ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଥିଲେ, ତାହା ଉପରେ ଅଧିକ ସ୍ପଷ୍ଟୋକ୍ତି ଆବଶ୍ୟକ କରି  କୋର୍ଟ ଅଧିକ ସୂଚନା ଆବଶ୍ୟକ କରୁଛନ୍ତି। ଏ ସଂପର୍କରେ

ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଏବଂ ହରିଆଣାକୁ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ଭି.ବି.-ଜି. ରାମ୍ ଜି. ଆକ୍ଟ

ମନରେଗା ଯୋଜନାରେ ରହିଥିବା ତ୍ରୁଟି ଏବଂ ଅନିୟମିତତାକୁ ଦୂର କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ନୂତନ ବିକଶିତ ଭାରତ - ଜି. ରାମ୍ ଜି. ଆଇନ ପ୍ରଣୟନ କରିଛନ୍ତି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ତି । ଉତ୍ତରାଖଣ୍ଡରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ମନରେଗା ଯୋଜନା ଅଧୀନରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟବସ୍ଥାକୁ ନୂତନ ଆଇନରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି ।

***Voice (Chouhan)*** :......

***Desk***

## ଆଇ.ଏମ୍.ସି.ଆର୍. - ଆଣ୍ଟିବାୟୋଟିକ୍ସ

ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଆଣ୍ଟିବାୟୋଟିକ୍ସ ବ୍ୟବହାର ଉପରେ ସତର୍କତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । ମନମୁଖୀ ଭାବରେ ନୁହେଁ; କେବଳ ଡାକ୍ତରଙ୍କ

ପରାମର୍ଶରେ ଆଣ୍ଟିବାୟୋଟିକ୍ସ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ।

***Voice (PM)*** :..........

ଏହି ପରିପ୍ରେକ୍ଷୀରେ ଭାରତୀୟ ଭେଷଜ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡାକ୍ତର ରାଜୀବ ବହଲ କହିଛନ୍ତି, କେବଳ ଆବଶ୍ୟକସ୍ଥଳେ ଆଣ୍ଟିବାୟୋଟିକ୍ସ ବ୍ୟବହାର ହେବା ଉଚିତ । ତେବେ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ଅପରିହାର୍ଯ୍ୟ । କେବଳ ଡାକ୍ତରଙ୍କ ଲିଖିତ ପରାମର୍ଶ ଆଧାରରେ ଆଣ୍ଟିବାୟୋଟିକ୍ସ ବିକ୍ରୟକୁ ସୁନିଶ୍ଚିତ କରିବାକୁ ଡାକ୍ତର ବହଲ୍ ଔଷଧ ବିକ୍ରେତାମାନଙ୍କୁ ପରମର୍ଶ ଦେଇଛନ୍ତି ।

***Desk***

## ଫ୍ୟାକ୍ଟ ଚେକ୍

ନଗଦ କାରବାର ଏବଂ ବାସଗୃହରେ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ଟଙ୍କା ରଖିବା ନେଇ ନୂତନ ଆୟକର ଆଇନ, ୨୦୨୫ ଅନୁଯାୟୀ ଦଣ୍ଡବିଧାନର ବ୍ୟବସ୍ଥା ରହିଥିବା ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡ଼ିଓ ବାର୍ତ୍ତାକୁ ସରକାର ଖଣ୍ଡନ କରିଛନ୍ତି । ପତ୍ରସୂଚନା କାର୍ଯ୍ୟାଳୟର ତଥ୍ୟ ଯାଞ୍ଚ ୟୁନିଟ୍ ଏସମ୍ପର୍କରେ ସୂଚନା ଦେଇ କହିଛି, ଏହି ବାର୍ତ୍ତା ତଥ୍ୟଭିତ୍ତିକ ନୁହେଁ । ନୂତନ ଆଇନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ ବୋଲି ୟୁନିଟ୍ ସ୍ପଷ୍ଟ କରିଛି ।

ଏସଂକ୍ରାନ୍ତ ତଥ୍ୟ' ଆୟକର ପୋର୍ଟାଲ୍ ଏବଂ ବିଭାଗର ମ୍ୟାପିଂ ଟୁଲ୍‌ରେ ଉପଲବ୍ଧ ରହିଥିବା ତଥ୍ୟ ଯାଞ୍ଚ୍ ୟୁନିଟ୍ କହିଛି ।

***Sambalpur/R***

## କୋର୍ଟ - ମାତୃଭାଷା

ଦେଶର ନ୍ୟାୟ ପ୍ରକ୍ରିୟାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରାଯିବା ଉଚିତ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁରଠାରେ ଆଜି ଆୟୋଜିତ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ୫୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ । ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ତୃଣମୂଳ ସ୍ତରରେ ଥିବା ବ୍ୟକ୍ତି ପାଖରେ ନ୍ୟାୟ ପହଞ୍ଚିପାରିବ । ରାଜ୍ୟର ସମସ୍ତ କୋର୍ଟରେ ଓଡ଼ିଆ ଭାଷା କାର୍ଯ୍ୟକାରୀ କରାଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସାଧାରଣ ଲୋକଙ୍କ ପାଖରେ ନ୍ୟାୟର ସୁଫଳ ପହଞ୍ଚାଇବା ଦିଗରେ ଆଇନଜୀବୀ' ନିଷ୍ଠା ଓ ସେବା ମନୋଭାବ ପୋଷଣ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

***Voice (Dharmendra)*** :……

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଲ' କମିଶନ୍‌ର ଅଧ୍ୟକ୍ଷ ଜଷ୍ଟିସ୍

ବିଶ୍ୱନାଥ ରଥ ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀଙ୍କ ବୃତ୍ତିଗତ ସୁରକ୍ଷା, କଲ୍ୟାଣ, ସ୍ୱାସ୍ଥ୍ୟ ସୁରକ୍ଷା, ସଂସ୍ଥାଗତ ଦୃଢ଼ତା ଏବଂ ନ୍ୟାୟ ପ୍ରକ୍ରିୟା ସମ୍ପର୍କିତ ୫ଟି ଦାବି ଉପରେ ସମ୍ମିଳନୀରେ ଆଲୋଚନା ହୋଇଛି ।

***HS***

## ଚିଲିକା - ବିଦେଶୀ ପକ୍ଷୀ

ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁଁ ଚିଲିକାରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି । ସେ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଚିଲିକାକୁ ୧୦ ହଜାର ପକ୍ଷୀ କମ୍ ଆସିଥିବା ଜଣାପଡ଼ିଛି । ବିଦେଶୀ ପକ୍ଷୀଙ୍କ ସୁରକ୍ଷାପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସେ ସୂଚନା ଦେଇଛନ୍ତି । ତେବେ ଚଳିତ ବର୍ଷ ଅଧିକ ଥଣ୍ଡା ରହୁଥିବାରୁ ଅଧିକ ପକ୍ଷୀଙ୍କ ସମାଗମ ହେବାର ଆଶା କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

*Desk, Nayagarh, Boudh, Kandhamal, Bhadrak, Sonepur/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୨ଟି ଅଭିଯୋଗର ଶୁଣାଣି ହୋଇଛି । ୩୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ରେ ଲମ୍ବସରି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୪୯ଟି ଅଭିଯୋଗର ଶୁଣାଣି ହୋଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏବଂ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ ଯୋଗଦେଇ ୧୮ଟି ଅଭିଯୋଗର ତତ୍କାଳ ସମାଧାନ କରିଛନ୍ତି ।

କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୦ଟି ଅଭିଯୋଗର ଶୁଣାଣି କରାଯାଇଛି ।

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ଠାରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୨ଟି ଅଭିଯୋଗର ଶୁଣାଣି ହୋଇଛି । ୧୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଏବଂ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୧ ଲକ୍ଷ ୪୫ ହଜାର ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ପଞ୍ଜୀକୃତ ହୋଇଥିବା ୪୯ଟି ଅଭିଯୋଗର ଶୁଣାଣି କରାଯାଇଛି ।

*Jajapur/R*

# ବୌଦ୍ଧ ମହୋତ୍ସବ

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଉଦୟଗିରି ବୌଦ୍ଧ ବିହାରଠାରେ ଆସନ୍ତାମାସ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ମହୋତ୍ସବ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ । ଉଦୟଗିରିଠାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ପୁଲିସ୍ ତଥା ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇ ମହୋତ୍ସବର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି । ଆସନ୍ତାମାସ ପ୍ରଥମ ସପ୍ତାହରେ ପ୍ରସ୍ତୁତି ନେଇ ମକ୍ଡ୍ରିଲ୍ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି ମହୋତ୍ସବରେ ଦେଶ ବିଦେଶରୁ ୨ ହଜାରରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଯୋଗଦେବାର ଆଶା କରାଯାଉଛି ।

*Desk*

## ପ୍ରଧାନ - ଘରୋଇ ବସ୍

ରାଜ୍ୟର ଅର୍ଥନୀତି ଏବଂ ସାଧାରଣ ଜୀବନଯାତ୍ରା କ୍ଷେତ୍ରରେ ପରିବହନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆଜି ସମ୍ବଲପୁରଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ' ପରିବହନ କ୍ଷେତ୍ରର ବିକାଶ ଏବଂ ବସ୍ ମାଲିକଙ୍କ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଛନ୍ତି । ରାଜ୍ୟର ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସୁବିଧା ପ୍ରଦାନ କରିବାରେ ଘରୋଇ ବସ୍‌ସଂଘ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

*Ganjam/R*

## ବାଜପେୟୀ - ଜନ୍ମ ଶତବାର୍ଷିକୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳି ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଏନ୍.ଏ.ସି. କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବାଜପେୟୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଛନ୍ତି । ନିର୍ବାଚନ ମଣ୍ଡଳିର ବିଭିନ୍ନ ବର୍ଗର ଲୋକ ତଥା ବହୁ ଅନୁଷ୍ଠାନର କର୍ମକର୍ତ୍ତା ଏହି ସଭାରେ ଯୋଗ ଦେଇଥିଲେ ।

***Nayagarh/R***

## ଉନ୍ନୟନମୂଳକ କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଆଜି ଯୋଗ ଦେଇଥିଲେ । କୋରଡ଼ା ପଞ୍ଚାୟତ ମହୀତ୍ତମା ପ୍ରାଥମିକ କୃଷି ସେବା ସମିତିର ନୂତନ କାର୍ଯ୍ୟାଳୟ ଏବଂ ଗୋଦାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗୁମୀ ଓ ମହୀପୁର ପଞ୍ଚାୟତରେ ନୂତନ ଭାବେ ନିର୍ମିତ ମୁକ୍ତ ବ୍ୟାୟାମ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । କାପ୍ତାପଲ୍ଲୀ ପଞ୍ଚାୟତର କଲ୍ୟାଣ ମଣ୍ଡପ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଖାଉଟି କଲ୍ୟାଣ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମରେ ଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିଲେ ।

***Gajapati/R***

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ଠାରେ ଆଜିଠାରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ

ମେଳା ଆରମ୍ଭ ହୋଇଛି । ବିଧାୟକ ରୂପେଶ ପାଣିଗ୍ରାହୀ, ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଲୋକାଭିମୁଖୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।

******